## ଆଜି କ'ଣ କେଉଁଠି

**ବଅଁରପାଳ**

■ନାଟକ 'ଏ ଫୁଲ' ପରିବେଷଣ
ସ୍ଥାନ– ନାଲ୍‌କୋ ଟ୍ରେନିଂ ସେଣ୍ଟର
ସମୟ– ସନ୍ଧ୍ୟା ୮ଟା ୧୫

## ସଂକ୍ଷେପରେ

### ଯୁବକ ନିଖୋଜ, ଥାନାରେ ଅଭିଯୋଗ

ବଇଣ୍ଡା, ୧୬।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କୁର୍ତ୍ତିବାସପୁର ଗ୍ରାମର ସନ୍ତୋଷ ନାୟକ (୨୪) ଗତ ୧୩ ତାରିଖଠାରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଏ ନେଇ ପରିବାର ପକ୍ଷରୁ ଠାକୁରଗଡ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରିଛି। ସନ୍ତୋଷ ରାତିରେ ଘରୁ ଖାଇବା ପରେ କେଉଁଆଡେ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଥିବା ପୋଲିସ କହିଛି।

### ଦୁର୍ବ୍ୟବହାର ନେଇ ବିଇଓଙ୍କ ନିକଟରେ ଅଭିଯୋଗ

କଣିହାଁ,୧୬।୧୨(ଡି.ଏନ.ଏ.) କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ ପାଟଣାସାହି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାୟତ ଲୋକ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି ସଦସ୍ୟାଙ୍କ ସହ କେତେଜଣ ଅଭିଭାବକଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବିଜିଗୋଳ ଗୋଲାଘରସାହି ପ୍ରାଥମିକ ବିଦ୍ୟାଳୟକୁ ପାଟଣାସାହି ଉପ୍ରା ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ପାଟଣାସାହି ଉପ୍ରା ବିଦ୍ୟାଳୟରେ ଭିତ୍ତିଭୂମି ନ ଥିବା ବେଳେ ଗୋଲାଘରସାହି ବିଦ୍ୟାଳୟର ୫ଟି ଶ୍ରେଣୀର ପିଲାଙ୍କୁ ସେଠାରେ ଗୋଟିଏ ଶ୍ରେଣୀଗୃହରେ ପଢ଼ାଯିବା ସହ ଗୋଲାଘରସାହି ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ପାଇଁ ପଠାଯାଉଥିଲା। ଏହା ଦେଖି ସରପଞ୍ଚ ଦୁଃଶାସନ ସାହୁ, ସମିତି ସଭ୍ୟା ବିନତୀ ନାୟକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ପ୍ରଧାନଶିକ୍ଷକଙ୍କୁ କାରଣ ପଚାରିଥିଲେ। କିନ୍ତୁ ପ୍ରଧାନଶିକ୍ଷକ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ବିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବିଇଓ ଖଗେଶ୍ୱର ବେହେରା କହିଛନ୍ତି, ୫ ମାସ ପୂର୍ବରୁ ସ୍କୁଲ ମିଶ୍ରଣ କରାଯାଇଛି। ତେବେ ଗୋଲାଘର ସାହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଜାରି ରହିବ ବୋଲି ନିର୍ଦ୍ଦେଶ ରହିଥିଲା। କେଉଁ କାରଣରୁ ସେଠାରେ ପାଠପଢ଼ା ବନ୍ଦ କରି ପିଲାଙ୍କୁ ପାଟଣାସାହି ସ୍କୁଲକୁ ନିଆଯାଇଛି ଓ ପ୍ରଧାନ ଶିକ୍ଷକଙ୍କ ଦୁର୍ବ୍ୟବହାରର ତଦନ୍ତ କରାଯିବ।

■ସରିଆସୁଛି ସମୟସୀମା, ସରିନି ଚଉଠେ କାମ

# ୧୬୮ ଜୀବନ ନେଲାଣି ଏନ୍‌ଏଚ୍ ୫୫

**ଅନୁଗୋଳ ଅଫିସ, ୧୬।୧୨**

■କଚ୍ଛପ ଗତିରେ ଦୋହରୀକରଣ କାମ କରୁଛି ଠିକା ସଂସ୍ଥା
■ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ମରାମତି ପ୍ରତି ଦିଆଯାଉନି ଧ୍ୟାନ
■ଦୁଇଟି ମାମଲା କରି ବସିପଡ଼ିଛି ଅନୁଗୋଳ ଜିଲା ପ୍ରଶାସନ

ଅନୁଗୋଳ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଦୋହରୀକରଣ କାର୍ଯ୍ୟକୁ ନେଇ ଏବେ ବଢ଼ୁଛି ଅସନ୍ତୋଷ। ଏହି କାର୍ଯ୍ୟ କରୁଥିବା ଠିକାସଂସ୍ଥା ଅତ୍ୟନ୍ତ କଚ୍ଛପ ଗତିରେ କାମ କରୁଥିବାରୁ ନିର୍ଦ୍ଧାରିତ ସମୟସୀମା ଶେଷ ହେବାକୁ ବସିଥିଲେ ବି ଏଯାଏ ଚଉଠେ କାର୍ଯ୍ୟ ଶେଷ ହୋଇପାରି ନ ଥିବା ଅଭିଯୋଗ ହେଉଛି। ଏହାଛଡ଼ା ଠିକା ସଂସ୍ଥା କିମ୍ବା ଜାତୀୟ ରାଜପଥ ପ୍ରାଧୀକରଣ କର୍ତ୍ତୃପକ୍ଷ (ଏନଏଚଏଆଇ) ଖାଲଖମା ମରାମତି କରୁ ନ ଥିବାରୁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ମାତ୍ର ୧୧ ମାସ ମଧ୍ୟରେ ଏହି ରାସ୍ତାରେ ୧୬୮ ଜଣଙ୍କ ଜୀବନ ହାନି ଘଟିଥିବାରୁ ଏହା ଏକ ମରଣଯନ୍ତାରେ ପରିଣତ ହୋଇଥିବା କୁହାଯାଉଛି। ତଥାପି ଅନୁଗୋଳ ଜିଲା ପ୍ରଶାସନ ଏ ଦିଗରେ ଦୃଢ଼ ପଦକ୍ଷେପ ନ ନେଇ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ବିରୋଧରେ ମାତ୍ର ୨ଟି ମାମଲା କରି ବସିପଡ଼ିଥିବାରୁ ଏହାକୁ ସାଧାରଣରେ ନାପସନ୍ଦ କରାଯାଇଛି।

ମଙ୍ଗୁଳିରୁ ଅନୁଗୋଳ ଦେଇ ସମ୍ବଲପୁର ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଦୋହରୀକରଣ ପାଇଁ ୨୦୧୬ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ସମ୍ବଲପୁରରୁ ଅନୁଗୋଳ ପର୍ଯ୍ୟନ୍ତ ନିର୍ମାଣ ପାଇଁ ୧୨୫୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଏହି କାର୍ଯ୍ୟ ନେଇଥିବା ଠିକା ସଂସ୍ଥା ଚୁକ୍ତି ମୁତାବକ ହଜାରେ ଦିନରେ ରାସ୍ତା କାମ ଶେଷ କରିବା କଥା। କିନ୍ତୁ ଅବଧି ଶେଷ ହେବାକୁ ଆଉ ଦିନ କେଇଟା ବାକି ରହିଥିବା ବେଳେ ଏଯାବତ୍ ଚଉଠେ କାମ ବି ସରିପାରିନି। ଏହି ରାଜପଥରେ ୪ଟି ଓଭରବ୍ରିଜ୍, ୩ଟି ଅଣ୍ଡରପାସ୍, ୧୦ଟି ସର୍ଭିସ ରୋଡ୍, ୨ଟି ଟ୍ରକ୍ ପାର୍କିଂ ନିର୍ମାଣ କରାଯିବ। ୩୮ଟି ବଡ଼ ଛକ ଓ ୬୫ଟି ଛୋଟ ଛକର ଉନ୍ନତୀକରଣ ହେବାର ଯୋଜନା ମଧ୍ୟ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଗୋଳ–କଟକ ରାସ୍ତା ପାଇଁ ୫୮୩ କୋଟି ଟଙ୍କା ସମ୍ପୃକ୍ତ ଠିକା ସଂସ୍ଥା ନେଇଛି। ହେଲେ ସମ୍ବଲପୁରରୁ ଅନୁଗୋଳ ମଧ୍ୟରେ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଏହି ରାସ୍ତାରେ ଦୁର୍ଘଟଣା ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ରାଜପଥରେ ହୋଇଥିବା ଖାଲଖମା ମଧ୍ୟ ମରାମତି କରାଯାଉ ନାହିଁ। ଫଳରେ ଦୈନିକ ଏହି ରାଜପଥରେ କେତେଯେ ଜୀବନ ବାଜି ଲାଗୁଛି ତାହା କହିବା ମୁସ୍କିଲ। ଅନୁଗୋଳ ପରିବହନ ବିଭାଗ ନିକଟରେ ଥିବା ତଥ୍ୟ ଅନୁଯାୟୀ, ୨୬ ନଭେମ୍ବର ସୁଦ୍ଧା ଏହି ରାସ୍ତାରେ ଦୁର୍ଘଟଣା ଯୋଗୁ ୧୬୮ ଜଣଙ୍କ ଜୀବନ ଯାଇଛି। ୧୯୮ ଜଣ ଗୁରୁତର ହୋଇଛନ୍ତି। ୧୦୭ ଜଣ ଆହତ ହୋଇଛନ୍ତି। ତେବେ ଡିସେମ୍ବର ୧୨ ତାରିଖ ସୁଦ୍ଧା ହିସାବ କଲେ ଆହୁରି ୨୦ ଦୁର୍ଘଟଣାରେ ପାଖାପାଖି ୧୦ ଜଣଙ୍କ ଜୀବନ ଯାଇଥିବା ଅନୁମାନ କରାଯାଉଛି। କିନ୍ତୁ ଅନୁଗୋଳ ପ୍ରଶାସନ କେବେ ଚେତିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଏନ୍‌ଏଚ୍‌ଏଆଇକୁ ରାସ୍ତା ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ। କିନ୍ତୁ ଦୀର୍ଘ ଦିନ ହେବ ମରାମତି କାର୍ଯ୍ୟ ନ କରିବାରୁ ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୧୮ରେ ୧୩୩ ଧାରାରେ ମାମଲା ରୁଜୁ କରାଯାଇଥିଲା। ଏହାପରେ ୨୦୧୯ରେ ଆଉ ଏକ ମାମାଲା ରୁଜୁ ହୋଇଥିଲା। ଏହି ମାମଲା ରୁଜୁ ହେବା ପରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଗୋଟିଏ ମାସ ମହଲତ ନେଇଥିଲେ। କିନ୍ତୁ ଏହା ମଧ୍ୟରେ ଦୁଇ ମାସ ପୂରି ଯାଇଥିଲେ ମଧ୍ୟ ସେପରି କୌଣସି ମରାମତି କାର୍ଯ୍ୟ କରାଯାଇ ନାହିଁ। ଫଳରେ ଏହି ରାଜପଥରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବା ସହ ଧନୀଜୀବନ ହାନି ହେବାରେ ଲାଗିଛି।

ଏ ନେଇ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ କହିଛନ୍ତି, ୨୧ କିଲୋମିଟର ବାଇପାସ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏହା ଶେଷ ହେବା ପାଇଁ ପ୍ରାୟ ୬ ମାସ ଲାଗିବ। ତେଣୁ ନୋ ଏଣ୍ଟ୍ରି ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ସେହିପରି ଦ୍ରୁତ ଗତିରେ ଯାଉଥିବା ଗାଡ଼ିଗୁଡ଼ିକ ଉପରେ ରୋକ୍ ଲଗାଇବା ସମ୍ଭବ ହେଉନାହିଁ। ନୂତନ ମୋଟରଯାନ ଆଇନ୍ କଡ଼ାକଡ଼ି ଲାଗୁ ହେବା ପରେ ଦ୍ରୁତ ଗତିରେ ଯାଉଥିବା ଗାଡ଼ି ଗୁଡ଼ିକ ଉପରେ ରୋକ୍ ଲାଗିପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାସ୍ତା ମରାମତି କରୁ ନ ଥିବାରୁ ଏନ୍‌ଏଚଏଆଇ କର୍ତ୍ତୃପକ୍ଷଙ୍କ ନାମରେ ମଧ୍ୟ ଦୁଇଟି ମାମଲା ରୁଜୁ ହୋଇଥିବା ଅତିରିକ୍ତ ଜିଲାପାଳ ପ୍ରକାଶ କରିଛନ୍ତି।

## ନାଲ୍‌କୋ ଅଧ୍ୟକ୍ଷ ହେଲେ ଶ୍ରୀଧର ପାତ୍ର

**ଭୁବନେଶ୍ୱର,୧୬–୧୨**



ରାଷ୍ଟ୍ରାୟତ୍ତ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଶ୍ରୀଧର ପାତ୍ର ନିଯୁକ୍ତ ହୋଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସୋମବାର ଏକ ଅର୍ଡର ଜାରି ହୋଇଛି। ପାତ୍ର ବର୍ତ୍ତମାନ ନାଲ୍‌କୋର ବିତ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକରେ ୩୦ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଛି। ସେ ଟିଏଚ୍‌ଡିସି ଇଣ୍ଡିଆ ଲିମିଟେଡରେ ବିତ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟକରିଛନ୍ତି। ଏହାସହ ଓଡିଶା ମାଇନିଂ କର୍ପୋରେଶନ(ଓଏମ୍‌ସି) ଲିମିଟେଡ, ଇଣ୍ଡିଆନ ରେୟାର ଆର୍ଥସ ଲିମିଟେଡ, ଓଏନ୍‌ଜିସିର ସହାୟକ କମ୍ପାନୀ ମାଙ୍ଗାଲୋର ରିଫାଇନେରୀ ଆଣ୍ଡ ପେଟ୍ରୋକେମିକାଲ୍ସ ଲିମିଟେଡ ଭଳି କମ୍ପାନୀରେ କାର୍ଯ୍ୟ ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ, ବିଦ୍ୟାସାଗର ୟୁନିଭର୍ସିଟିରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ଏହାବାଦ ସେ ଇନଷ୍ଟିଚ୍ୟୁଟ ଅଫ୍ ଚାର୍ଟର୍ଡ ଆକାଉଣ୍ଟାସ ଅଫ୍ ଇଣ୍ଡିଆର ସଦସ୍ୟ ମଧ୍ୟ ଅଛନ୍ତି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ବନ୍ତଳା, ୧୬।୧୨ (ଡି.ଏନ୍.ଏ.)**

ବନ୍ତଳା ଥାନା ତଳଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦେହୁରୀ, ମୁଖ୍ୟବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜିଲା ପ୍ରମୁଖ ତାପସ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ଜଗବନ୍ଧୁ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ସଚିବ ହରେକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ନିବେଦିତା ସାହୁ ଅତିଥି ପରିଚୟ ସହିତ ବିବରଣୀପାଠ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବନ୍ତଳା ଥାନା ସବ୍‌ଇନ୍ସପେକ୍ଟର ପ୍ରମୋଦ କୁମାର ନାଏକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କଳାପାଟ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟା ସୁକେଶିନୀ ସାହୁ ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟ ଅତିଶ ବାରିକ, ରୋଜାଲିନ ପ୍ରଧାନ, ମାଧୁରୀଲତା ସାହୁ, ଆର୍ଜେଣ୍ଟିନା ବେହେରା, ରୋଜାଲିନ ସାହୁ, ବନିତା ପ୍ରଧାନଙ୍କ ସମେତ ସମସ୍ତ ଅଭିଭାବକ ଏଥିରେ ସହଯୋଗ କରିଥିଲେ।

## ରାଧାନାଥ ହାଇସ୍କୁଲର ରୌପ୍ୟଜୟନ୍ତୀ ଉତ୍ସବ



ବିଦ୍ୟାଳୟ ରୌପ୍ୟଜୟନ୍ତୀ ଉତ୍ସବରେ ଅତିଥିମାନେ।

**ଓଡ଼ାପଡ଼ା, ୧୬।୧୨(ଡି.ଏନ.ଏ.)**

ଓଡ଼ାପଡ଼ା ବ୍ଲକ ନିମିଧାସ୍ଥିତ ରାଧାନାଥ ଉଚ୍ଚ ବିଦ୍ୟାଳୟର ୩ ଦିନିଆ ରୌପ୍ୟଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ କଳସ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବିଧାୟିକା ସୀମାରାଣୀ ନାୟକ, ଉଦ୍ୟାନ କୃଷି ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ରବିବାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ବିଇଓ ଅଭିମନ୍ୟୁ ସେଠୀ, ସରପଞ୍ଚ ସାଗରିକା ବେହେରା, ସମିତି ସଭ୍ୟା ଅଞ୍ଜନା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରାଯାଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଏବଂ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିଥିଲେ।

ପ୍ରଧାନ ଶିକ୍ଷକ ଶଶିକାନ୍ତ ଦାସ, ପୁରାତନ ଛାତ୍ର ସଂଘର ସଭାପତି ଅରୁଣ କୁମାର ବେହେରା, ସମ୍ପାଦକ ଦୀପ୍ତିରଞ୍ଜନ ବେହେରା, ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୯୯ ମାମଲାର ଶୁଣାଣି କଲେ ଜିଲାପାଳ

**ପାଲଲହଡ଼ା, ୧୬।୧୨(ଡି.ଏନ.ଏ.)**

ସ୍ଥାନୀୟ ଭୋଟ ଗଣନା ପ୍ରକୋଷ୍ଠଠାରେ ସୋମବାର ପାଲଲହଡ଼ା ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଏଥିରେ ଯୋଗଦେଇ ମୋଟ ୯୯ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବ୍ୟକ୍ତିଗତ ସମସ୍ୟା ୮୩, ଗ୍ରାମ ସମ୍ବନ୍ଧୀୟ ୧୫ଟି ଅଭିଯୋଗ ରହିଥିଲା। ନିଜିଗଡର ୟାକୁବ ହୁସେନଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ପାଉଁଶ ଇଟା ବ୍ୟବସାୟୀ ସଂଘ ତରଫରୁ ଉପଖଣ୍ଡରେ ବେଆଇନ ଭାବେ ଇଟା ଭାଟି ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଆବାସ ଯୋଜନରେ ଘର, ପାଇଖାନା ନିର୍ମାଣ ପ୍ରଭୃତିରେ ପାଉଁଶ ଇଟା ବ୍ୟବହାର କରାଯିବାକୁ ନିୟମ ଥିଲେ ମଧ୍ୟ ମାଟି ଇଟା ନିର୍ମାଣ କରାଯାଇ ନିର୍ମାଣ କାର୍ଯ୍ୟରେ ଲାଗୁଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ପାଲଲହଡ଼ା ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ତହସିଲଦାର ସ୍ୱାଗତ ଦାସଙ୍କ ସମେତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର

**ସଜନାଗଡ଼,୧୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ଆଦିବାସୀ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଏ ନେଇ ରବିବାର ନୀଳଗିରି ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ. ୩୨୮/୧୯) ରୁଜୁ କରାଯାଇଛି। ଆଇଆଇସି ମିନତି ବିଶ୍ୱାଳ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛନ୍ତି। ଥାନା ଅଞ୍ଚଳରେ ଶନିବାର କରମାପୂଜା ଚାଲିଥିବା ବେଳେ ସମସ୍ତେ ନାଚଗୀତରେ ମସ୍‌ଗୁଲ ରହିଥିଲେ। ମା' ପାଖ ସ୍କୁଲରେ ରୋଷେଇ କରିବାକୁ ଯାଇଥିଲେ। ଏହି ସମୟରେ ଘରେ କେହି ନ ଥିବାର ସୁଯୋଗ ନେଇ ବୁଦ୍ଧିଆ ସିଂ (୨୮) ନାମକ ଯୁବକ ଘରେ ପଶି ବଳାତ୍କାର କରିଥିଲେ।

## ରାସ୍ତା ନିର୍ମାଣ ଭୂମିପୂଜା କଲେ ବିଧାୟକ

**ବଇଣ୍ଡା, ୧୬।୧୨(ଡି.ଏନ.ଏ.)**

 କିଶୋରନଗର ବ୍ଲକରେ ୫ ପକ୍କା ରାସ୍ତା ନିର୍ମାଣର ଭୂମିପୂଜା କରିଛନ୍ତି ବିଧାୟକ ରମେଶ ଚନ୍ଦ୍ର ସାଏ। ବାମୁର ପଞ୍ଚାୟତର ରାଜପଥରୁ ଡାଲିମୁରା ୪ କିମି ରାସ୍ତା, ଓସ୍କାପାଲି ଛକ–କରମଳକଟା ୪.୧ କିମି, ତାଳପଦର–ବାଦିବାହାଲ ୪ କିମି, ହିମିତିରା ବଅଁରନାଳୀରୁ ବୃତାଖାଇ ୬.୧ କିମି, ସଞ୍ଜାମୁରାରୁ ହିମିତିରା ୧ କିମି ରାସ୍ତା ନିର୍ମାଣ ହେବ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଦାମୋଦର କୈବର୍ତ୍ତ, କନିଷ୍ଠଯନ୍ତ୍ରୀ ହିମାଂଶୁ ମହାଲିକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତିମିର ନାୟକ, ହିମିତିରା ସରପଞ୍ଚ କୁନା ପ୍ରଧାନ, ସଞ୍ଜାମୁରା ସରପଞ୍ଚ ମୃତ୍ୟୁଞ୍ଜୟ ସାହୁ, କୁମୁଦ ଚନ୍ଦ୍ର ପ୍ରଧାନ, ସ୍ୱାଧୀନ ବେହେରା, ସରୋଜ ବିଶ୍ୱାଳ ତାପସ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡ଼ା ପ୍ରତିଯୋଗିତା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

**କଣିହାଁ, ୧୬।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ଗଦାଶିଳା ପଞ୍ଚାୟତ ପକ୍ଷରୁ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଗଦାଶିଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜେମାମଣି ନାଏକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ, ବୁରୁବାହାଳ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁ, ୱାର୍ଡ ସଭ୍ୟ ବୃନ୍ଦାବନ ପ୍ରଧାନ, ଶୋଭାରାଣୀ ନାଏକ, ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସିନିୟର, ଜୁନିୟର, ସବ୍‌ଜୁନିୟର ବିଭାଗରେ ଭାଗ ନେଇଥିଲେ। ଉଭୟ ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ ନାୟକ, ୱାଲି କିଶୋର ନାଏକ, ବବିତା ନାଏକ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୮ ଡିସେମ୍ବରରେ ପୁରସ୍କୃତ କରାଯିବ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି।

## ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଧାରଣା

**ଜଳେଶ୍ୱର, ୧୬।୧୨(ସ୍ୱ.ପ୍ର.)**

ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଶ୍ରମ ଅଫିସ୍ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ୨୦୧୫–୧୬ରୁ ଜଳେଶ୍ୱର ବ୍ଲକ କମିଟି ଜରିଆରେ ପର୍ଯ୍ୟାୟକ୍ରମେ ଆବେଦନ କରାଯାଉଥିଲେ ମଧ୍ୟ କାହାକୁ ପରିଚୟପତ୍ର ମିଳୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଚିହ୍ନଟ ଶ୍ରମିକମାନେ ଆର୍ଥିକ ସହାୟତା ପାଉ ନ ଥିବାରୁ ଶ୍ରମିକମାନେ ଲିଖିତ ଭାବେ ଜଣାଇଥିଲେ। ଶ୍ରମ ଆଇନ୍ ସରଳୀକରଣ ହେବା ସହିତ ବ୍ଲକ କାର୍ଯ୍ୟାଳୟରେ ଶ୍ରମ ଦପ୍ତର ଖୋଲିବା ପାଇଁ ଦାବି କରିଥିଲେ।

## ସ୍କୁଲ ସ୍ଥାନାନ୍ତର ହେଲେ ଆନ୍ଦୋଳନ ଚେତାବନୀ

**ବଇଣ୍ଡା, ୧୬।୧୨(ଡି.ଏନ.ଏ.)**




କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତର ନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି, ମୋ ସ୍କୁଲ ଅଭିଯାନ କମିଟି ଓ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୧୯୩୫ରେ ଆଠମଲ୍ଲିକ ରାଜା କିଶୋର ଚନ୍ଦ୍ର ଦେଓଙ୍କ ନାମରେ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ୮ଟି ଗୃହକୁ ନେଇ ବିଦ୍ୟାଳୟ ଚାଲିଥିବାବେଳେ ଜାତୀୟ ରାଜପଥ ସମ୍ପ୍ରସାରଣବେଳେ ଏହା ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହେଉଛି। ଏଥି ନିମନ୍ତେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବା ପରିବର୍ତ୍ତେ ପୁରୁଣା ଗୃହଗୁଡିକୁ ଭଙ୍ଗା ଯାଇ ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ ପାଇଁ ପ୍ରଶାସନ ସ୍ତରରେ ଯୋଜନା ହେଉଛି। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ବିଦ୍ୟାଳୟ ପଛ ପାଖରେ ଥିବା ସରକାରୀ ଜମିରେ ସ୍କୁଲ ଗୃହ ନିର୍ମାଣ ପାଇଁ ପୂର୍ବରୁ ଗ୍ରାମବାସୀ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ଏ ନେଇ ଗତ ୧୨ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଗ୍ରାମବାସୀ, ପ୍ରଶାସନ ଓ ଠିକାସଂସ୍ଥା ପକ୍ଷରୁ ମିଳିତ ବୈଠକ ହୋଇଥିଲା। ସରକାରୀ ଜମିରେ ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରଶାସନ ପକ୍ଷରୁ ଗତ ୧୪ ତାରିଖରେ ଜମି ଚିହ୍ନଟ ମଧ୍ୟ କରାଯାଇଥିଲା। ହେଲେ ଠିକାସଂସ୍ଥା ପକ୍ଷରୁ ଉକ୍ତ ଜମିରେ ବଡ ଗର୍ତ୍ତ ଥିବା କାରଣରୁ ବିଦ୍ୟାଳୟ ସ୍ଥାପନ ପାଇଁ ଅରାଜି ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେଠାରେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇ ବିଦ୍ୟାଳୟ ନିର୍ମାଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଜଳଧର ସାହୁ, ମୋ ସ୍କୁଲ ଅଭିଯାନର ସଭାପତି ଭଗବାନ ଘିଓ୍ୱାଲା, ବିଦ୍ୟାଳୟ କମିଟି ସଭାପତି ଦୋଳଗୋବିନ୍ଦ ମହାଲିକ, ରାଜେନ୍ଦ୍ର ସାହୁ, ରାଜେନ୍ଦ୍ର ରାଉତ, ରମାକାନ୍ତ ବେହେରା, ଦୀପକ ବେହେରା, ରାମେଶ କୁମାର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ହିନ୍ଦୋଳ ବ୍ଲକରେ ନୂତନ ବିଡିଓ



**ହିନ୍ଦୋଳ, ୧୬।୧୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକର ନୂତନ ବିଡିଓ ଭାବେ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି ଦେବଦତ୍ତ ମହନ୍ତ। ଏହି ପଦବୀରେ ଥିବା ବିଡିଓ ହେମନ୍ତ କୁମାର ମହନ୍ତଙ୍କ ବଦଳି ହେବା ପରେ ତାଙ୍କ ସ୍ଥାନରେ ଦେବଦତ୍ତଙ୍କୁ ନିଯୁକ୍ତି ମିଳିଛି। ଏଥିପୂର୍ବରୁ ସେ କଙ୍କଡ଼ାହାଡ଼ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ନୂତନ ବିଡିଓ ନିଜର ପ୍ରତିକ୍ରିୟାରେ କହିଛନ୍ତି, ସରକାରୀ ଯୋଜନାର ସଫଳ ରୂପାୟନକୁ ଅଗ୍ରାଧିକାର ଦେବେ। ଏଥିଲାଗି ସେ ଜନପ୍ରତିନିଧି ଏବଂ କର୍ମଚାରୀଙ୍କ ସହଯୋଗ ଲୋଡ଼ିଛନ୍ତି।

### ବୋଲେରୋ-ବାଇକ୍ ଧକ୍କା: ଜଣେ ମୃତ

**କାମାକ୍ଷାନଗର, ୧୬।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଅଁଳାବେରେଣୀସ୍ଥିତ ଦୁର୍ଗା କିଷାନ ପେଟ୍ରୋଲ ପମ୍ପ ନିକଟରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ବୋଲେରୋ-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଙ୍କଡ଼ାହାଡ଼ ଥାନା ଗତରେଇ ଗ୍ରାମର ବୁଟୁ ବିଶ୍ୱାଳ (୩୮)। ଏଥିରେ ବାଇକ୍ ପଛରେ ବସିଥିବା ଅନ୍ୟଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟେ ବାଇକ୍ (ନଂ.ଓଆର ୦୬ ଜି ୯୯୦୩)ରେ ଢେଙ୍କାନାଳରୁ କାମାକ୍ଷାନଗର ଆଡ଼କୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବୋଲେରୋ (ନଂ. ଓଡ଼ି ୧୯-୮୧୦୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବୋଲେରୋ ଚାଳକ ଫେରାର ଅଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

### ୭ ଜଙ୍ଗଲ ଗ୍ରାମକୁ ମିଳିବ ରାଜସ୍ୱ ମାନ୍ୟତା

**ଢେଙ୍କାନାଳ ଅଫିସ, ୧୬।୧୨:** ଜଙ୍ଗଲ ଅଧିକାର ଅଧିନିୟମ-୨୦୦୬ ଅନୁଯାୟୀ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର ୭ ଅଣ ସର୍ଭେକୃତ ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ଜିଲାସ୍ତରୀୟ କମିଟି ଅନୁମୋଦନ କରିଛି। ଏହି ଗ୍ରାମଗୁଡିକ ହେଲା କାମାକ୍ଷାନଗର ବ୍ଲକର କରଡ଼ାବଣି, କଙ୍କଡ଼ାହାଡ଼ ବ୍ଲକର ଖୁରିଭଙ୍ଗା, ଭାଲୁଟାଙ୍ଗର, ଖଜୁରିନାଳି, ଗଙ୍ଗାମୁଣ୍ଡା, ଚାଉଳିଆଝରଣ, କଳସପୁର ବାଲିସାହି। ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପରେ ସମ୍ପୃକ୍ତ ଗ୍ରାମର ବାସିନ୍ଦା ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇପାରିବେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ଉପଖଣ୍ଡସ୍ତରୀୟ କମିଟି ମାଧ୍ୟମରେ ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଥିଲା। କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ରାଜସ୍ୱ, ଜଙ୍ଗଲ ଓ ମଙ୍ଗଳ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଏଫ୍‌ଇଏସ୍‌ର ସ୍ୱପ୍ନା ଷଡ଼ଙ୍ଗୀଙ୍କ ସମେତ ଜିଲା ପରିଷଦର ପ୍ରତିନିଧିମାନେ ପ୍ରସ୍ତାବଗୁଡିକୁ ତର୍ଜମା କରି ଅନୁମୋଦନ କରିଛନ୍ତି।

### ପିଇଓ ସଂଘର ବୈଠକ

**ଢେଙ୍କାନାଳ ଅଫିସ, ୧୬।୧୨:** ଢେଙ୍କାନାଳ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସଂଘର ସାଧାରଣ ବୈଠକ କାମାକ୍ଷାନଗର ବ୍ଲକ୍ ବାଉଁଶପାଳ ପଞ୍ଚାୟତର ଶିବୁଳାପଶିରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସୁବ୍ରତ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ସଙ୍ଗଠନକୁ ମଜଭୁତ କରିବା, ସରକାରଙ୍କ ନିକଟରେ ନ୍ୟାଯ୍ୟଦାବି ଉପସ୍ଥାପନ କରିବାକୁ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପିଇଓଙ୍କ ଉପରେ ମାତ୍ରାଧିକ ଚାପ ପଡୁଛି। ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। ସଂଘର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସମ୍ପାଦକ ଅଜୟ କୁମାର ନାୟକ ଆଲୋକପାତ କରିଥିଲେ। ଉପସଭାପତି ବିଜୟ ମିଶ୍ର, ଉପଦେଷ୍ଟା ପରିକ୍ଷିତ ପାଣିଗ୍ରାହୀ, ନବକିଶୋର ମିଶ୍ର, ରାଜ୍ୟ କାଉନ୍‌ସିଲ ସଭ୍ୟ କିଶୋର ଚନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ, ଓଡ଼ାପଡ଼ା ବ୍ଲକ୍ ସଭାପତି ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

---

■ମାନିଲେନି ସେଣ୍ଟ୍ରାଲ ଜୁ ଅଥରିଟି ନିର୍ଦ୍ଦେଶ

# ମାନ୍ୟତା ହରାଇବ କପିଳାସ ଚିଡ଼ିଆଖାନା

**ଢେଙ୍କାନାଳ ଅଫିସ,୧୬।୧୨**

■ପାଳନ ହେଉନି ଗାଇଡ୍‌ଲାଇନ
■କରାଯାଉନି ଆନୁଷଙ୍ଗିକ ବ୍ୟବସ୍ଥା
■ବନ ବିଭାଗର ବିଫଳତାକୁ ଦାୟୀ କଲେ



କପିଳାସ ଚିଡିଆଖାନା

ବନ ବିଭାଗର ଚରମ ଅବହେଳା, ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ମାନ୍ୟତା ହରାଇବାକୁ ଯାଉଛି ଢେଙ୍କାନାଳ ଜିଲାର କପିଳାସ ଚିଡ଼ିଆଖାନା। ଏ ନେଇ ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ଜୁ ଅଥରିଟି ଅଫ୍ ଇଣ୍ଡିଆ ଗତ ନଭେମ୍ବରରେ ବନ ବିଭାଗକୁ ପତ୍ର ମାଧ୍ୟମରେ ଜଣାଇଛି। ଏହାପରେ ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଚିଡ଼ିଆଖାନା ଗୌରବ ହରାଇବ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି।

୧୯୭୯ ଜାନୁଆରୀ ୨୬ରେ ହରିଣ ପାର୍କ ଭାବେ ଆରମ୍ଭ ହୋଇଥିଲା କପିଳାସ ଜୁ'। ୧୯୮୬ରେ ଏହାକୁ ମିଳିଥିଲା ମିନି ଚିଡ଼ିଆଖାନାର ମାନ୍ୟତା। ୧୯୯୫ ଏପ୍ରିଲରେ ସେଣ୍ଟ୍ରାଲ ଜୁ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ଏହାକୁ ଚିଡ଼ିଆଖାନାର ମାନ୍ୟତା ଦିଆଯାଇଥିଲା। ଏବେ ଏଠାରେ ୧୨୦ ହରିଣ, ୪ ସମ୍ବର, ଗୋଟିଏ କୁଟୁରା, ୨ ଭାଲୁ, ୨ ମିଥୁନ ଗାଈ, ଗୋଟିଏ ବାର୍‌ହା, ୪ ହାତୀ, ୫୮ ପକ୍ଷୀ, ୧୧ ସରୀସୃପ ରହିଛନ୍ତି। ହେଲେ ଜୀବଜନ୍ତୁଙ୍କ ଚିକିତ୍ସା ଲାଗି ଏଠାରେ ପ୍ରାଣୀ ଚିକିତ୍ସାଳୟ ନାହିଁ। ବିଭାଗୀୟ ଚିକିତ୍ସକ ନ ଥିବାରୁ ଠିକ୍ ସମୟରେ ପ୍ରାଣୀଙ୍କୁ ଚିକିତ୍ସା ସୁବିଧା ମିଳିପାରୁନାହିଁ। ପଶୁପକ୍ଷୀଙ୍କ ଜନ୍ମମୃତ୍ୟୁ ପଞ୍ଜୀକରଣ ହେଉନାହିଁ। ଚିଡ଼ିଆଖାନା ରକ୍ଷଣାବେକ୍ଷଣ ଦାୟିତ୍ୱରେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉନାହିଁ। ନିୟମ ବାହାରକୁ ଯାଇ ଶିଶୁ ପାର୍କ କରାଯାଇଛି। ବିଭିନ୍ନ ସମୟରେ ଚିଡ଼ିଆଖାନା ଆସୁଥିବା ଜୀବଜନ୍ତୁଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଉନି। ଗାଇଡ୍ ଲାଇନ ବାହାରକୁ ଯାଇ ଜୁ ପାଇଁ ଉଦ୍ଦିଷ୍ଟ ନ ଥିବା ପ୍ରାଣୀଙ୍କୁ ରଖାଯାଉଛି। କେବଳ ଏତିକି ନୁହେଁ, କପିଳାସ ଚିଡ଼ିଆଖାନାରେ ନିକଟ ଅତୀତରେ ଏକ ବଡ଼ କୁମ୍ଭୀରର ମୃତ୍ୟୁ ଘଟିଥିଲା। ସେହିପରି ତାର ଜାଲିରେ ମୁଣ୍ଡ ଫସିଯାଇ ଏକ ହରିଣର ଜୀବନ ଯାଇଥିଲା। ହେଲେ ଏହି ଘଟଣା ସମ୍ପର୍କରେ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ନ ଥିଲା। ଏଭଳି ଅବ୍ୟବସ୍ଥା ନେଇ କ୍ଷୋଭ ବ୍ୟକ୍ତ କରିଥିଲେ ସେଣ୍ଟ୍ରାଲ ଜୁ ଅଥରିଟି ଅଫ୍ ଇଣ୍ଡିଆ କର୍ତ୍ତୃପକ୍ଷ। ଚିଡ଼ିଆଖାନା ପାଇଁ ରହିଥିବା ନିୟମାବଳୀ ପାଳନ କରିବା ଏବଂ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ବନ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ଅନ୍ୟପଟେ ଚିଡ଼ିଆଖାନା ମାନ୍ୟତା ଅବଧି ୨୦୧୯ ସେପ୍ଟେମ୍ବର ୨୮ରୁ ଶେଷ ହୋଇଯାଇଛି। ଏହାର ନବୀକରଣ ଲାଗି ଜିଲା ବନ ବିଭାଗ ପକ୍ଷରୁ ଜୁଲାଇରେ ୧୦ ହଜାର ଟଙ୍କା ଡିପୋଜିଟ୍ କରାଯାଇଛି। ଏ ସବୁ ସତ୍ତ୍ୱେ ଆବଶ୍ୟକ ଗାଇଡ୍ ଲାଇନ ପାଳନ କରାଯାଉ ନ ଥିବାରୁ କପିଳାସ ଚିଡିଆଖାନାର ମାନ୍ୟତା ପ୍ରତ୍ୟାହାର କରାଯିବ ବୋଲି ପତ୍ରରେ ଦର୍ଶାଯାଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ଗାଇଡ୍‌ଲାଇନକୁ କେତେକାଂଶରେ ପୂରଣ କରାଯାଇଛି। ଏ ନେଇ ସେଣ୍ଟ୍ରାଲ ଜୁ ଅଥରିଟି ଅଫ୍ ଇଣ୍ଡିଆକୁ ଅବଗତ କରାଯାଇଛି। ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି ହୋଇ ନ ଥିବାରୁ କପିଳାସ ରେଞ୍ଜରଙ୍କ ତତ୍ତ୍ୱାବଧାନରେ ଚିଡ଼ିଆଖାନା କାର୍ଯ୍ୟକ୍ଷମ ହେଉଛି। ଏଥିଲାଗି ଏକ ବ୍ରୋଚ୍ୟୁର ପ୍ରସ୍ତୁତ କରାଯାଇଛି। ମାନ୍ୟତା ମିଳିବା ନେଇ ଜିଲା ବନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

---

■ମିଳିତ ଜନଶୁଣାଣି ଶିବିର

# ଅଭିଯୋଗର ତୁରନ୍ତ ସମାଧାନ ନିର୍ଦ୍ଦେଶ



ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ପରଜଙ୍ଗ, ୧୬।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୫୯ ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗକୁ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରେ ଭତ୍ତା, ଆବାସ ଯୋଜନା, ରାଜପଥ ଅଧିଗ୍ରହଣ ବାବଦ କ୍ଷତିପୂରଣ, ଭାରିଯାନ ଚଳାଚଳ ବନ୍ଦ, ଡାକ୍ତର ଅଭାବ, ଜମିବାଡ଼ି ସମସ୍ୟା, ଚିକିତ୍ସା ସହାୟତା, ହାତୀ ଉପଦ୍ରବ ରୋକିବା ଏବଂ କ୍ଷତିପୂରଣ, ରାଶନ କାର୍ଡ, ରାସ୍ତା ନିର୍ମାଣ, କଳାକାର ଭତ୍ତା ଏବଂ ଆଇନଗତ ସମସ୍ୟା ରହିଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କେତେକ ଅଭିଯୋଗର ସମାଧାନ କରିଥିଲେ। ତୁରନ୍ତ ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ୫ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅନୁପମା ଜେମ୍‌ସ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଜିଲା ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସମାଜ ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ସିଡିଏମ୍‌ଓ ନିରଞ୍ଜନ ମିଶ୍ର, ପିଜିସେଲ୍‌ର ସିତାଂଶୁ ଶେଖର ଦାସ, ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ ସାହୁ, ବିଡିଓ ବସନ୍ତ ମଲ୍ଲିକ, ଏବିଡିଓ ଅଶୋକ ମିଶ୍ର, ତହସିଲଦାର ଜୟନ୍ତ ଜୟସିଂ, ବିଇଓ ହରିହର ଦେହୁରୀ, ଥାନାଧିକାରୀ ବିଜୟ ହାଇବ୍ରୁଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

---

■ସୂର୍ଯ୍ୟୋପରାଗ ସଚେତନତା କର୍ମଶାଳା

# ଆନିମେଶନରେ ବିଜ୍ଞାନର ରହସ୍ୟ

**ଢେଙ୍କାନାଳ ଅଫିସ, ୧୬।୧୨**



ସଚେତନତା କର୍ମଶାଳାରେ ଅତିଥିମାନେ।

ଢେଙ୍କାନାଳ ଜିଲା ବିଜ୍ଞାନ କେନ୍ଦ୍ର ଏବଂ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ରବିବାର ସୂର୍ଯ୍ୟୋପରାଗ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆନିମେଶନ ମାଧ୍ୟମରେ ସୂର୍ଯ୍ୟୋପରାଗ ଏବଂ ଏହା ପଛରେ ରହିଥିବା ବିଜ୍ଞାନର ରହସ୍ୟକୁ ଛାତ୍ରୀଛାତ୍ରମାନେ ପରଦା ଉପରେ ଦେଖିଥିଲେ।

ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଏବଂ ବିଜ୍ଞାନ ଚେତନା ମଞ୍ଚର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର କେ.ଏସ୍. କେ. ଭରଦ୍ୱାଜ ଉପସ୍ଥିତ ଥିଲେ। ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ଏବଂ ଆନିମେଶନ ମାଧ୍ୟମରେ ସୂର୍ଯ୍ୟୋପରାଗ କାରଣ, ପୃଷ୍ଠଭୂମି, ବୈଜ୍ଞାନିକ ଦୃଷ୍ଟିକୋଣ, ସୁରକ୍ଷିତ ପରାଗ ଅବଲୋକନ ସମ୍ପର୍କରେ ପ୍ରଫେସର ଭରଦ୍ୱାଜ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରଚଳିତ ଅନ୍ଧବିଶ୍ୱାସରୁ ମୁକୁଳି ସୂର୍ଯ୍ୟୋପରାଗର ବିରଳ ଦୃଶ୍ୟକୁ ଦେଖିବାକୁ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ। ବିଜ୍ଞାନ କେନ୍ଦ୍ର ଅଧିକାରୀ ମଥୁରି ମୋହନ ରାଉତ, ବିଜ୍ଞାନ କଂଗ୍ରେସ ଜିଲା ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ର, ବିଜ୍ଞାନ ଚେତନା ମଞ୍ଚର ବିନୋଦ ସେଠୀ, ଡିଆଇଇଟି ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ, ଆଭିମୁଖ୍ୟ, ସୂର୍ଯ୍ୟୋପରାଗର ପୌରାଣିକ ପୃଷ୍ଠଭୂମି ସହିତ ଆଧୁନିକ ବିଜ୍ଞାନର ସାମଞ୍ଜସ୍ୟକୁ ନେଇ ତୁଳନାତ୍ମକ ବିବରଣୀ ଦେଇଥିଲେ। ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ, ସୁଲକ୍ଷଣା ଦେବୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜାଭିୟର୍ସ ହାଇସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ମଣ୍ଟଫୋର୍ଟ ସ୍କୁଲ, ଡିଆଇଇଟିର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀଶିକ୍ଷକ, ପ୍ରଶିକ୍ଷକ, ବିଜ୍ଞାନ କେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଦୂରବୀକ୍ଷଣ ଯନ୍ତ୍ର ସହାୟତାରେ ଛାତ୍ରୀଛାତ୍ରମାନେ ସୂର୍ଯ୍ୟଙ୍କୁ ନିରୀକ୍ଷଣ କରିଥିଲେ।

ଆସନ୍ତା ୨୬ରେ ସୂର୍ଯ୍ୟୋପରାଗ ପଡୁଛି। ଏହିଦିନ ବିଜ୍ଞାନ କେନ୍ଦ୍ର ତରଫରୁ ଜନସାଧାରଣଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବିଜ୍ଞାନ କେନ୍ଦ୍ରର ଅଧିକାରୀ ସୂଚନା ଦେଇଛନ୍ତି। ବିଜ୍ଞାନ କେନ୍ଦ୍ରର ଏଜୁକେଶନ ଆସିଷ୍ଟାଣ୍ଟ ଶଙ୍କର ଗୁରୁମ୍ ଧନ୍ୟବାଦ ଦେଇଥିଲେ।

---

**ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

## ପ୍ରତିବାଦ କରିବାରୁ ଘର ପୋଡ଼ିଦେଲେ ଯୁବକ

**ପରଜଙ୍ଗ, ୧୫।୧୨(ଡି.ଏନ.ଏ.)**

ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ପ୍ରେମ ନିବେଦନ କରି ବିଫଳ ହେବା ପରେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଣେ ଯୁବକ ଜଣୈକା ଛାତ୍ରୀଙ୍କ ପରିବାର ଲୋକଙ୍କୁ ମାଡ଼ ମାରିବା ସହ ଘର ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଅଭିଯୋଗରେ ଦର୍ଶାଯାଇଛି, କଟାବାହାଳ ଗ୍ରାମର ସିଦ୍ଧାନ୍ତ ବେହେରା ସମ୍ପୃକ୍ତ ଛାତ୍ରୀଙ୍କୁ ବାରମ୍ବାର ପ୍ରେମ ନିବେଦନ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଆସୁଥିଲେ। ଶନିବାର ଛାତ୍ରୀଙ୍କ ପରିବାର ଲୋକେ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସିଦ୍ଧାନ୍ତ ସେମାନଙ୍କୁ ମାଡ଼ ମାରି ପଳାଇଥିଲେ। ଏହାପରେ ରାତି ୧୧ଟାରେ ଛାତ୍ରୀ ରହୁଥିବା ଘରେ ନିଆଁ ଲଗାଇ ଦେଇଥିଲେ। ଏ ନେଇ ରବିବାର ଲିଖିତ ଅଭିଯୋଗ ପରେ ନଂ. ୩୦୬/୧୯, ଦଫା ୩୪୧, ୩୨୩, ୨୯୪, ୩୫୪ (ଏ), ୩୫୪ (ଡି), ୪୩୬, ୫୦୬, ୧୨ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସରୋଜ ସେଠୀ ସୂଚନା ଦେଇଛନ୍ତି। ଥାନାଧିକାରୀ ବିଜୟ ହାଇବ୍ରୁ କୁହନ୍ତି, ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ।

---

■ଗୋଲୋକ ବିହାରୀ ଧଳଙ୍କ ଜୟନ୍ତୀ ଉତ୍ସବ

# ଭାଷାତତ୍ତ୍ୱ ସାହିତ୍ୟର ଅଭିନ୍ନ ଅଙ୍ଗ


ଜୟନ୍ତୀ ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୬।୧୨**

ଭାଷାତତ୍ତ୍ୱ ସାହିତ୍ୟର ଅଭିନ୍ନ ଅଙ୍ଗ। ଭାଷା ବିଜ୍ଞାନୀ ଗୋଲୋକ ବିହାରୀ ଧଳଙ୍କ ପ୍ରତ୍ୟେକଟି ସାହିତ୍ୟକୃତିରେ ଏହା ପ୍ରତିଫଳିତ ହୋଇଛି। ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଛନ୍ତି ଶିକ୍ଷାବିତ୍ ଡ. ଉଦ୍ଧବ ଚରଣ ନାୟକ। ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତ ଗଞ୍ଜେଇଡ଼ିହରେ ସୋମବାର ଅନୁଷ୍ଠିତ ଗୋଲୋକ ବିହାରୀ ଧଳଙ୍କ ୯୯ତମ ଜୟନ୍ତୀ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଗୋଲୋକ ବିହାରୀ ସ୍ମୃତି ସଂସଦର ଉପସଭାପତି ମୁକୁନ୍ଦ ପ୍ରସାଦ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଧନେଶ୍ୱର ସାହୁ, ଅନ୍ୟତମ ଅତିଥି ଭାବେ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ମାୟାଧର ସାହୁ, ସମ୍ମାନିତ ବକ୍ତା ସାହିତ୍ୟିକ ଡ. ଭରତ ଚନ୍ଦ୍ର ନାଥ, ସାମାଜିକ କର୍ମୀ ଅଶୋକ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ପ୍ରଫେସର ଧଳଙ୍କ ସ୍ମୃତିଚାରଣ କରିଥିଲେ।

ଗୋଲୋକ ବିହାରୀ ସ୍ମୃତି ସଂସଦ ଏବଂ ଛନ୍ଦେଶ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆବାହକ ରଙ୍ଗାଧର ଧଳ, ସମ୍ପାଦକ ମନୋଜ ସାହୁ, ଗତିକୃଷ୍ଣ ବିଶ୍ୱାଳ, ଫକୀର ମୋହନ ସାହୁ, ଅବସରପ୍ରାପ୍ତ ଶିକ୍ଷକ ମାୟାଧର ନାୟକ, ମଧୁସୂଦନ ଶତପଥୀ, ରମେଶ ଚନ୍ଦ୍ର ବେହେରା, ବୈକୁଣ୍ଠନାଥ ବାରିକ, ସ୍ୱଦେଶ ରଞ୍ଜନ ଧଳ, କାଳୀଚରଣ ତ୍ରିପାଠୀ, ଅଧ୍ୟାପକ ଡ. ପ୍ରମୋଦ ଦାଶ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

---

# ୨୨ରୁ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ


ବୈଠକରେ କ୍ଲବର ସଦସ୍ୟମାନେ।

**ଭୁବନ, ୧୬।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମରେ ଚଳିତ ୨୨ତାରିଖରୁ ଆରମ୍ଭ ହେଉଛି ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ। ଭୁବନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୩୧ ତାରିଖ ଯାଏ ଚାଲିବ। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବିପିନ ବିହାରୀ ସେଠୀ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଓଡ଼ିଶା ସମେତ ରାଜ୍ୟ ବାହାରୁ ୬ଟି ଦଳ ଭାଗନେବେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଆୟୋଜକ ଭୁବନ, ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ, ନାଗପୁର କରିମ ସ୍ପୋର୍ଟିଂ, ରାୟପୁର ବ୍ରିଲିଆଣ୍ଟ ବୟଜ୍, ବିଶାଖାପାଟଣା ଭାଇଜାକ୍ କ୍ରିକେଟ ଏକାଡେମୀ ଏବଂ ରାଞ୍ଚିର ହରମୁ ୟୁଥ୍ କ୍ରିକେଟ କ୍ଲବ। ସମସ୍ତ ଦଳକୁ ନେଇ ଦୁଇଟି ଗ୍ରୁପ୍ ଗଠନ କରାଯାଇଛି। ଏହି ଉପଲକ୍ଷେ କାମାକ୍ଷାନଗର ଉପଖଣ୍ଡର ପ୍ରଶାସନିକ ଅଧିକାରୀ ଏବଂ ଭୁବନ କ୍ରିକେଟ କ୍ଲବର ପୁରାତନ ଖେଳାଳିଙ୍କୁ ନେଇ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

ପ୍ରାରମ୍ଭରେ ସମ୍ପାଦକ ପ୍ରଜିତ କିଶୋର ସାହୁ ପୂର୍ବବର୍ଷର ଆୟବ୍ୟୟର ବିବରଣୀ ପାଠ କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଅମିତାଭ ସାହୁ, ବିଷ୍ଣୁଚରଣ ବାରିକ, ସୁଶାନ୍ତ ପୃଷ୍ଟି, ସମରସେନ ନାୟକଙ୍କ ସମେତ କ୍ରିକେଟ କ୍ଲବର ବହୁ ସଦସ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

---

## ଦନ୍ତାହାତୀ ବେକରେ ଲାଗିବ ରେଡିଓକଲାର

**ଢେଙ୍କାନାଳ ଅଫିସ, ୧୬।୧୨**

ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଦନ୍ତାହାତୀ ବେକରେ ରେଡିଓକଲାର ଲାଗିବ। ଏଥିଲାଗି ୩ଲକ୍ଷ ଟଙ୍କା ବଜେଟ ହୋଇଛି। ହାତୀର ଦାନ୍ତ କଟାଯିବା ପରେ ଉପଦ୍ରବ କମିଛି। ତଥାପି ଏହାର ଗତିବିଧି ଉପରେ ନଜର ରଖିବାକୁ ରେଡିଓକଲାର ଲଗାଯିବ। ହେଲେ ଅନୁଦାନ ଆସି ନ ଥିବାରୁ ଏଥିରେ ବିଳମ୍ବ ହେଉଥିବା ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ହାତୀ ପରଜଙ୍ଗ, ତାଳଚେର ଓ ସଦର ରେଞ୍ଜରେ ଉପଦ୍ରବ କରୁଛି। ଗତଦିନରେ ଉକ୍ତ ହାତୀ ଆକ୍ରମଣରେ ବହୁ ଧନଜୀବନ ହାନି ହୋଇଛି। ଏହାପରେ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଏହାର ଦାନ୍ତ କଟାଯାଇଛି। ତଥାପି ହାତୀ ଚଳପ୍ରଚଳ କରୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଦନ୍ତାକୁ ଆୟତ୍ତ କରିବାକୁ ରେଡିଓକଲାର ଲଗାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

---

■ଡେପୁଟେଶନରେ ଥିବା ଶିକ୍ଷକଙ୍କୁ ଫେରାଇ ଆଣିବା ଦାବି

# ତାଲା ପକାଇ ଧାରଣାରେ ବସିଲେ ଛାତ୍ରୀଛାତ୍ର


ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ଭାପୁର, ୧୬।୧୨(ଡି.ଏନ.ଏ.)**

ଡେପୁଟେଶନରେ ପଠାଯାଇଥିବା ଜଣେ ଶିକ୍ଷକଙ୍କୁ ପୁନର୍ବାର ଫେରାଇ ଆଣିବା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଢେଙ୍କାନାଳ ସଦର ବ୍ଲକ ଧୀରପାଟଣା ପଞ୍ଚାୟତ ଅଧୀନ ଗଙ୍ଗାଧରପ୍ରସାଦ ୟୁପି ସ୍କୁଲର ଛାତ୍ରୀଛାତ୍ର। ଏ ନେଇ ଶିକ୍ଷାର୍ଥୀ ଏବଂ ଅଭିଭାବକମାନେ ସୋମବାର ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୮୫ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶିକ୍ଷାଦାନ ଲାଗି ୮ଜଣ ଶିକ୍ଷକ ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ସାଧନ କେନ୍ଦ୍ର ସଂଯୋଜକ ଭାବେ କାର୍ଯ୍ୟ କରୁଛନ୍ତି। ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ୧ମାସ ହେଲା ଅନ୍ୟ ସ୍କୁଲକୁ ଡେପୁଟେଶନରେ ପଠାଇ ଦିଆଯାଇଛି। ଶିକ୍ଷାଦାନ ବ୍ୟାହତ ହେବାପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଅଭିଭାବକ ଏବଂ ଛାତ୍ରୀଛାତ୍ର ଦାବି କରିଥିଲେ। ଏ ନେଇ ସେମାନେ ବିଇଓଙ୍କୁ ଲିଖିତ ଭାବେ ଦାବିପତ୍ର ଦେଇଥିଲେ। ହେଲେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହା ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ମଧ୍ୟାହ୍ନ ଭୋଜନ ରୋଷେଇ ମଧ୍ୟ ହୋଇପାରି ନ ଥିଲା। ଅପରାହ୍ନ ୧ଟାରେ ସିଆର୍‌ସିସି ବୈରାଗୀ ସେଠୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଏ ନେଇ ଶିକ୍ଷା କମିଟି ସଭାପତି ମନୋଜ ସାହୁ କୁହନ୍ତି, ମଙ୍ଗଳବାର ବୈଠକ ଡକାଯାଇଛି। ଆଲୋଚନାରୁ ବାହାରିଥିବା ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବିଇଓ ନିତ୍ୟାନନ୍ଦ ବାରିକ କୁହନ୍ତି, ପାଖ ସ୍କୁଲରେ ଜଣେ ଶିକ୍ଷୟିତ୍ରୀ ପ୍ରସବକାଳୀନ ଛୁଟିରେ ଅଛନ୍ତି। ତେଣୁ ଶିକ୍ଷକଙ୍କୁ ସାମୟିକ ଭାବେ ଡେପୁଟେଶନରେ ପଠାଯାଇଛି। ଶିକ୍ଷୟିତ୍ରୀ ଜଣକ କାର୍ଯ୍ୟରେ ଯୋଗଦେବା ପରେ ଡେପୁଟେଶନରେ ଥିବା ଶିକ୍ଷକଙ୍କୁ ଫେରାଇ ଅଣାଯିବ।

DHARITRI
ଧରିତ୍ରୀ

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ମଙ୍ଗଳବାର,୧୭ ଡିସେମ୍ବର/୨୦୧୯, Dhenkanal, Tuesday, December 17 / 2019

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ତାଳଚେର,୧୬।୧୨(ନି.ପ୍ର.)- କଳିୟାରୀ ପୋଲିସ ଦେଉଳବେଡା ଧଉଡା ଅଞ୍ଚଳରୁ ସୋମବାର ବ୍ରାଉନସୁଗାର ଓ ଗଞ୍ଜେଇ ଜବତ କରିଛି। ଏଥିସହ ଏଥିରେ ସମ୍ପୃକ୍ତି ଅଭିଯୋଗରେ ଶେଖ ସେର ଅଲ୍ଲୀ ଖାନ ଓରଫ କାଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଦୀର୍ଘଦିନ ହେଲା କାଲୁ ଏହି କାରବାର କରୁଥିବା ଖବରପାଇ କଳିୟାରୀ ପୋଲିସର ଏକ ଟିମ୍ ତାଙ୍କ ଘର ଉପରେ ଚଢ଼ାଉ କରି ୮ଗ୍ରାମ ବ୍ରାଉନସୁଗାର ଓ ୪୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା।

### ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ଗିରଫ

ଅନୁଗୋଳ ଅଫିସ, ୧୬।୧୨- ଅନୁଗୋଳ ଥାନା ଛକରେ କଣ୍ଟେନର ଧକ୍କାରେ ରବିବାର ଜଣଙ୍କର ମୃତ୍ୟୁ ହୋଇଥିଲା। ଅନୁଗୋଳ ପୋଲିସ ସୋମବାର କଣ୍ଟେନର ଡ୍ରାଇଭର ରାମ୍ ପ୍ରସାଦ(୩୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ରାମ ପ୍ରସାଦଙ୍କ ଘର ରାଜସ୍ଥାନର ଭରତପୁର ଜିଲା ଡେଗ୍ ଗ୍ରାମରେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଗିରଫ ହୋଇଥିବା ରାମ ପ୍ରସାଦ କଣ୍ଟେନର (ନଂ. ଏନ୍ଏଲ୍-୦୧-କ୍ୟୁ-୫୧୪୪)ରେ ମାଲ ଧରି ନାଗପୁରରୁ କଲିକତା ଅଭିମୁଖେ ଯାଉଥିଲେ।

### ମଧୁମାଳତୀ କାର୍ଯ୍ୟାଳୟରେ ବୈଠକ

ଅନୁଗୋଳ ଅଫିସ, ୧୬।୧୨- ଅନୁଗୋଳ ଶିକ୍ଷକପଡାସ୍ଥିତ ମଧୁମାଳତୀ କାର୍ଯ୍ୟାଳୟ ଠାରେ ସଭାପତି ସୀତାରାମ ମିଶ୍ରଙ୍କ ଅଧକ୍ଷତାରେ ଚେତନାଶ୍ରୀ ସାହିତ୍ୟ ସଂସଦର ବାର୍ଷିକ ମୁଖପତ୍ର 'ଚେତନାଶ୍ରୀ'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଆଧାତ୍ମିକ ଈଶ୍ୱର ଚେତନା ବୃଦ୍ଧିରେ ଚେତନାଶ୍ରୀ ସହାୟକ ହେବ ବୋଲି ସଭାପତି ମିଶ୍ର ବକ୍ତବ୍ୟ ରଖିଥିଲେ। ସେହିପରି ସମାଜରେ ଆଧାତ୍ମିକ ଭାବଧାରା, ମୂଲ୍ୟବୋଧ ପ୍ରତି ଅବଗତ ହେବା ତଥା ପ୍ରଭୁମନସ୍କ ହୋଇ ଆଗାମୀ ଭବିଷ୍ୟତକୁ ସରସ ସୁଖମୟ କରିବା ପତ୍ରିକାର ଲକ୍ଷ୍ୟ ବୋଲି ସମ୍ପାଦିକା ଗୀତାମୟୀ ମହାପାତ୍ର ପ୍ରକାଶ କରିଥିଲେ। ଏହି ଅବସରରେ ଧୀରେନ ମିଶ୍ରଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା । ଏଥିସହିତ ଉପଦେଷ୍ଟା ମଣ୍ଡଳୀ, ପରିଚାଳନା କମିଟି ଗଠନ କରାଯାଇଥିଲା। ପତ୍ରିକାଟି ଦୋଳପୂର୍ଣ୍ଣିମା ମଧରେ ଶୁଭ ଉନ୍ମୋଚନ କରାଯିବାର ଲକ୍ଷ୍ୟ ରଖାଯାଇଛି।

### ୧୮ତମ ସୂର-ତାଲ ସାଂସ୍କୃତିକ ଉତ୍ସବ ଉଦ୍ଯାପିତ

# କଳାକାରଙ୍କୁ ପ୍ରଶିକ୍ଷଣ ପାଇଁ ଦିଆଯିବ ପ୍ରସ୍ତାବ

**ଅନୁଗୋଳ ଅଫିସ, ୧୬।୧୨**

ଅନୁଗୋଳ ସଭାଘର ଠାରେ ଚାଲିଥିବା ୧୮ତମ ସୂର-ତାଲ ସାଂସ୍କୃତିକ ଉତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି। ଏହି ଉଦ୍ଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ନାଲ୍କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.ପି. ମିଶ୍ର, ବିଷ୍ଣୁଚରଣ ପ୍ରଧାନ, ସୁରେଶ କୁମାର ସାହୁ ଓ କାର୍ଯ୍ୟକ୍ରମ ମୁଖ୍ୟ ପ୍ରାୟୋଜିତ ଅଧିକାରୀ ଜ୍ୟୋତିପ୍ରକାଶ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି କଳାକାରମାନଙ୍କ ପ୍ରଶିକ୍ଷଣ ପାଇଁ ଅନୁଗୋଳରେ ଏକ ଶିକ୍ଷାନୁଷ୍ଠାନ ଖୋଲିବାକୁ ସଂସ୍କୃତି ବିଭାଗକୁ ପ୍ରସ୍ତାବ ଦେବେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ।



ସୂର-ତାଲ ଉଦ୍ଯାପନୀ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀମାନେ।

ଚଳିତବର୍ଷ ସ୍ୱରବାଦ୍ୟ, ଓଡ଼ିଶୀ ନୃତ୍ୟ, କୌତୁକ ବେଶ, ଏକକ ଲଘୁ ନୃତ୍ୟ, ଦଳଗତ ଲଘୁ ନୃତ୍ୟ, ଲଘୁ କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ରଙ୍ଗଭରୋ ପ୍ରତିଯୋଗିତାମାନ କରାଯାଇ ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲା। ଉଦ୍ଯାପନୀ ଉତ୍ସବରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ କୀର୍ତ୍ତିକା ମହାନ୍ତି ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତରେ ଗୁରୁଶ୍ରୀ ଗଣେଶ ମିଶ୍ର, ଅନୁସୟା ନାଥ, ଶିକର ପାଢ଼ୀ ବିଚାରକ ଥିବାବେଳେ ଗୁରୁ ପ୍ରନୟ କର ଓ ଗୁରୁ ସଞ୍ଜୀବ ସୋନାର ନୃତ୍ୟ ବିଭାଗର ବିଚାରକ ଭାବେ ଯୋଗଦେଇଥିଲେ। ପାରଳାଖେମୁଣ୍ଡିର ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ରର କୁନି କୁନି ପିଲାମାନେ ସମ୍ବଲପୁରୀ ନୃତ୍ୟ ପରିବେଶଣ କରିଥିଲେ। ସେହିପରି ଓଡ଼ିଆ ସିନେ ଜଗତର ନାୟିକା ଅନନ୍ୟା ମିଶ୍ର ଉପସ୍ଥିତ ଦର୍ଶକ ଓ କଳାକାରମାନଙ୍କ ମନୋରଞ୍ଜନ କରିଥିଲେ। ସଭାପତି ଅଜୟ ନାଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ଚୈତନ୍ୟ ପୋଥାଳ ସମ୍ପାଦକୀୟ ବିବରଣୀପାଠ କରିଥିଲେ। ଅନୁଷ୍ଠାନର ସ୍ମରଣିକା ସୂର-ତାଲ ପ୍ରତିଭା ଉନ୍ମୋଚନ ହୋଇଥିଲା। ପ୍ରତ୍ୟୁଷା ଅମାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମସ୍ତ ସଭ୍ୟା ଓ ସଭ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ମାଷ୍ଟର୍ସ ସେଫ୍‌ରେ ଅନୁଗୋଳର ଲଳନା ସ୍ମୃତିଶ୍ରୀ

# ବିଚାରକଙ୍କ ମନ ଜିଣିଲା 'କୁଚ୍ଛୁ-ଏ-ପାସ୍ତା'

**ଅନୁଗୋଳ ଅଫିସ, ୧୬।୧୨**



ଷ୍ଟାର ପ୍ଲସର ରିଏଲିଟି ଶୋ' ମାଷ୍ଟର୍ସ ସେଫ୍‌ର ଶ୍ରେଷ୍ଠ ୧୫ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଅନୁଗୋଳର ଲଳନା ସ୍ମୃତିଶ୍ରୀ ସିଂହ (୨୬)। ଭୁବନେଶ୍ୱରରେ ଅନୁଷ୍ଠିତ 'ମାଷ୍ଟର୍ସ ସେଫ୍ ସିଜନ୍-୬'ର ଅଡିସନରେ ସ୍ମୃତିଶ୍ରୀ ୫୦ ପ୍ରତିଯୋଗୀ ବିଶିଷ୍ଟ ମେଗା ଅଡିସନକୁ ଉନ୍ନୀତ ହୋଇଥିଲେ। ମାଷ୍ଟର୍ସ ସେଫ୍‌ର ପ୍ରଥମ ପର୍ଯ୍ୟାୟରେ ଶ୍ରେଷ୍ଠ ୧୦ ପ୍ରତିଯୋଗୀ ଚୟନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ ଜଣ ଚୟନ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ସ୍ମୃତିଶ୍ରୀଙ୍କୁ ସାମିଲ କରାଯାଇଥିଲା। ମେଗା ଅଡିସନରେ ସ୍ମୃତିଶ୍ରୀ 'କୁଚ୍ଛୁ-ଏ-ପାସ୍ତା' ନାମକ ଏକ ସ୍ୱାସ୍ଥ୍ୟକର ଡିସ୍ ପ୍ରସ୍ତୁତ କରିଥିଲେ। ଏହି ଡିସ୍ ବିଚାରକଙ୍କ ପସନ୍ଦ ଆସିଥିଲା। ଶନିବାର ପ୍ରସାରିତ ଶୋ'ରେ ୧୧ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ମୃତିଶ୍ରୀ ତାଙ୍କ ଡିସ୍ ପ୍ରସ୍ତୁତ କରିଥିଲେ। ଏକ ଘଣ୍ଟାର ସମୟ ମଧ୍ୟରେ ତାଙ୍କ ଦ୍ୱାରା ଇଣ୍ଡିଆନ୍ ଇଟାଲିଆନ୍ ଡିସ୍ 'କୁଚ୍ଛୁ-ଏ-ପାସ୍ତା' ୩ ବିଚାରକ ବିକାଶ ଖାନ୍ନା, ରଣବୀର ବ୍ରାର୍ ଓ ବିନିତ ଭାଟିଆଙ୍କ ମନକୁ ପାଇଥିଲା। ଅନୁଗୋଳ ସହର ଗାନ୍ଧୀମାର୍ଗରେ ସ୍ମୃତିଶ୍ରୀଙ୍କ ପରିବାର ଲୋକ ରହୁଥିବାବେଳେ ନାଲ୍କୋର ଇଞ୍ଜିନିୟର ଭାବେ ତାଙ୍କ ବାପା ରଞ୍ଜିତ ସିଂହ କାର୍ଯ୍ୟରତ। ମା ରୀତା ସିଂହ ଗୃହିଣୀ। ସ୍ମୃତିଶ୍ରୀ ବିଜ୍ଞାନରେ ସ୍ନାତକ ସାରିବା ପରେ ଭୁବନେଶ୍ୱରରେ ହୋଟେଲ୍ ମ୍ୟାନେଜମେଣ୍ଟ କୋର୍ସ କରିଛନ୍ତି। ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେବାକୁ ଚାହୁଁଛନ୍ତି ବୋଲି ସେ ଏହି ପ୍ରତିଯୋଗିତାରେ ବିଚାରକଙ୍କୁ କହିଥିଲେ। ସୂଚନାଯୋଗ୍ୟ, ୨୦୧୧ରେ ସ୍ମୃତିଶ୍ରୀ ମାଷ୍ଟର୍ସ ସେଫ୍‌ର ଅଡିସନ୍‌ରେ ପ୍ରତିଯୋଗୀ ହିସାବରେ ଯୋଗ ଦେଇଥିଲେ ମଧ୍ୟ ସେ ଆଗକୁ ଯାଇପାରି ନ ଥିଲେ।

## ବଳାତ୍କାରୀଙ୍କୁ କଠୋର ଦଣ୍ଡ ଦାବି

**ଅନୁଗୋଳ ଅଫିସ, ୧୬।୧୨**

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (ଏଆଇଡିଏସ୍ଓ) ଓ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ୍ (ଏଆଇଡିୱାଇଓ) ପକ୍ଷରୁ ସୋମବାର ପୂର୍ବାହ୍ନରେ 'ନିର୍ଭୟା ଦିବସ' ଅବସରରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ରାଜାଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦେଶବ୍ୟାପୀ ବଢ଼ି ଚାଲିଥିବା ବଳାତ୍କାର ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ କଠୋର ଦଣ୍ଡ ଦେବା ସହ ମଦ, ଅଶ୍ଳୀଳତା ଓ ନଗ୍ନତାକୁ ସମାଜରେ ନିଷିଦ୍ଧ କରିବାକୁ ଦାବି କରାଯାଇଥିଲା। ଡିଏସ୍ଓ ଜିଲା ସମ୍ପାଦକ ନାରାୟଣ ନାୟକଙ୍କ ପରିଚାଳନାରେ ଏହି ବିକ୍ଷୋଭ ସଭାରେ ରାଜ୍ୟ ଉପସଭାପତି ମାନସ ପାଲ ଓ ଜିଲା ସମ୍ପାଦକ କୈଳାସ ସାହୁ ପ୍ରମୁଖ ବକ୍ତବ୍ୟ ରଖି ବଳାତ୍କାରୀମାନଙ୍କ ପ୍ରତି କଠୋର ଦଣ୍ଡ ମଦ, ଅଶ୍ଳୀଳତା ଓ ନଗ୍ନତା ନିଷିଦ୍ଧ ପାଇଁ ଗଣଆନ୍ଦୋଳନ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍ଓ ସଙ୍ଗଠକ ଶାଶ୍ୱତ ସାହୁ, ପ୍ରଭାସୀ ସ୍ୱାଇଁ, ନିରୁପମା ନାୟକ, ଶୁଭଶ୍ରୀ ପ୍ରିୟଦର୍ଶିନୀ ଓ ଡିୱାଇଓ ସଙ୍ଗଠକ ନିରଞ୍ଜନ ନାୟକ, ଦୁଃଖବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପରିଚୟ ଦେଇଛି ଖବରକାଗଜ



ଦିନକର କାହାଣୀ
ନୀଳମଣି ପଣ୍ଡା

ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ରୋଜଗାର ଆଶାରେ ମାତ୍ର ୧୫ ବର୍ଷ ବୟସରେ ଘରୁ ଗୋଡ଼ କାଢ଼ିଥିବା ଛେଣ୍ଡିପଦା ବ୍ଲକ ସାଲୁଇଖମଣ ଗ୍ରାମର ନୀଳମଣି ପଣ୍ଡା ଆଜି ଜଣେ ଜଣାଶୁଣା ମଣିଷ। ପରିଶ୍ରମ ବଳରେ ସେ ସମାଜରେ ନିଜ ପାଇଁ ସମ୍ମାନ ଅର୍ଜନ କରିପାରିଛନ୍ତି। ୧୯୭୨ରେ ରେଙ୍ଗାଲିର ଏକ ହୋଟେଲରୁ କର୍ମମୟ ଜୀବନ ଆରମ୍ଭ କରିଥିବା ନୀଳମଣି କିଛି ବର୍ଷ ପରେ ଛେଣ୍ଡିପଦା ଚାଲିଆସି ସାନଭାଇ ଦେଇଥିବା ଫଟୋ ଦୋକାନରେ କାମ କରିଥିଲେ। ସେଠାରେ ଦୁଇ ବର୍ଷ ରହିବା ପରେ ୧୯୯୫ରେ ନିଜେ କିଛି କରିବାକୁ ଚିନ୍ତା କରି 'ଧରିତ୍ରୀ'ର ଖବରକାଗଜ ବିକ୍ରିରୁ ନୂତନ କ୍ୟାରିୟର ଆରମ୍ଭ କରିଥିଲେ। ଧୀରେ ଧୀରେ ଖବରକାଗଜର ବିକ୍ରି ବଢ଼ାଇବା ସହ ନିଜେ ବିଭିନ୍ନ କାଗଜର ଏଜେନ୍ସି ନେଲେ। ୨୦୦୧ରେ ହଠାତ ତାଙ୍କ କ୍ୟାବିନ ପୋଡ଼ିଯିବାରୁ ବହୁ କ୍ଷତିର ସମ୍ମୁଖୀନ ହୋଇଥିଲେ। ହେଲେ ତାଙ୍କ ଆମାୟିକ ବ୍ୟବହାର ଓ ସୁସମ୍ପର୍କ ଯୋଗୁ ବହୁ ଲୋକଙ୍କଠାରୁ ସେ ସହଯୋଗ ପାଇ ନୂତନ କ୍ୟାବିନ ବସାଇଥିଲେ। ସକାଳୁ କେତେ ଖବରକାଗଜ କେଉଁ ଅଞ୍ଚଳକୁ ଯିବ ତାହା ପଠାଇବା ଠାରୁ ଠିକ୍ ଭାବେ ଦେୟ ଆଦାୟ କରି ଡିପୋଜିଟ ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟକୁ ସେ ଦୀର୍ଘ ୨୪ ବର୍ଷ ହେବ ସୂଚାରୁ ରୂପେ କରିଆସୁଛନ୍ତି। ଏହି ଦୀର୍ଘ ବର୍ଷ ମଧ୍ୟରେ ସେ ନିଜ ପରିଶ୍ରମ ବଳରେ ନିଜ ପାଇଁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଛନ୍ତି। କ୍ୟାନସରରେ ପ୍ରଥମ ସ୍ତ୍ରୀଙ୍କ ପରଲୋକ ପରେ ସେ ଦୁଇ ଝିଅ, ପୁଅଙ୍କ ମୁହଁକୁ ଚାହିଁ ଦ୍ୱିତୀୟ ବିବାହ କରିଥିଲେ। ଏବେ ବୟସ ବଢ଼ିଯାଇଥିଲେ ବି ସେ ନିଜ କର୍ମମୟ ଜୀବନରେ କେବେ ଅବହେଳା କରିନାହାନ୍ତି। ସକାଳୁ ଠିକଣା ସମୟରେ ଲୋକଙ୍କ ନିକଟରେ କିପରି ଖବରକାଗଜ ପହଞ୍ଚିବ, ଅଧିକରୁ ଅଧିକ ଗ୍ରାହକଙ୍କ ସହ ସେ କିପରି ଯୋଡ଼ି ହୋଇପାରିବେ ତାହା ଉପରେ ଧ୍ୟାନ ଦେଉଛନ୍ତି। ସେହିପରି ଦୁଇ ଝିଅଙ୍କୁ ଯୁକ୍ତ ୨ ପର୍ଯ୍ୟନ୍ତ ପଢାଇବା ସହିତ ପୁଅକୁ ଏମ୍‌ବିଏ ପଢାଇ ପାରିଛନ୍ତି। ଖବରକାଗଜ ହିଁ ତାଙ୍କୁ ଆତ୍ମସମ୍ମାନର ସହ ବଞ୍ଚିବା ଶିଖାଇଛି ବୋଲି ନୀଳମଣି ପ୍ରକାଶ କରିଛନ୍ତି।

ରିପୋର୍ଟ– ଅଜିତ ଧଳ

## ସାତକୋଶିଆ ନାଟ୍ୟ ଉତ୍ସବ ଉଦ୍‌ଘାଟିତ

**ବଣ୍ଡଁରପାଳ, ୧୬।୧୨ (ଡି.ଏନ୍.ଏ.)**


ଆପଣମାନେ ଖୁସି ତ ନାଟକର ଏକ ଦୃଶ୍ୟ।

ନାଲ୍‌କୋ କମନ ୱେଲଫେୟାର କମିଟି ଦ୍ୱାରା ଆୟୋଜିତ ଚତୁର୍ଥ ସାତକୋଶିଆ ନାଟ୍ୟ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ମନ୍‌ସା ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ମୃତ୍ୟୁଞ୍ଜୟ ଦାଶ, ସି.ଆର୍. ସ୍ୱାଇଁ, ଅମୀୟ ସ୍ୱାଇଁ, ପୂର୍ବତନ ମହାପ୍ରବନ୍ଧକ ପ୍ରଦୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସୋମବାର ପ୍ରଥମ ସନ୍ଧ୍ୟାରେ 'ଆପଣମାନେ ଖୁସି ତ' ନାଟକ ପରିବେଷଣ ହୋଇଥିଲା। ଏହି ନାଟକକୁ ସୁରେନ୍ଦ୍ର ମଲ୍ଲିକ ନିର୍ଦ୍ଦେଶନା ଦେଇଥିଲେ। ୱେଲଫେୟାର କମିଟିର ରାଜାରାମ ମିଶ୍ର, କେ.କେ. ବେହେରା, ମଣି ପଟ୍ଟନାୟକ, ଅମିୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସ୍ମେଲଟର କାର୍ବନ ଏରିଆ ଇନ୍ଦ୍ରଧନୁ ତରଫରୁ ଏହି ନାଟକ ପରିବେଷଣ ହୋଇଥିଲା।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ